# Akashvani, Sambalpur

## SAMBALPURI NEWS EVENING BULLETIN

## 9 September 2026-7.02- 7.12 pm.

---

୧- ରଣନୈତିକ୍ ନିବେଶ୍ ଆଉ ସହଭାଗିତାକେ ସୁଗମ୍ କର୍‌ବାର୍ ଲାଗି ରାଜ୍ୟ ସର୍‌କାର୍‌ଙ୍କର୍ ତର୍‌ଫୁ ନିରନ୍ତର୍ ସହଯୋଗ୍ ଯୁଗେଇ ଦିଆଯିବା- କହେଲେ ମୁଖ୍ୟମନ୍ତ୍ରୀ ।

- ମୁଖ୍ୟମନ୍ତ୍ରୀଙ୍କର୍ ନେତୃତ୍ୱଥି ମୁଲ୍ ହେଲା ଓଡ଼ିଶାର୍ ୟୁଏଇ ନିବେଶ୍ ଅଭିଯାନ୍ ।

୨- ରାଏଜେ ସ୍କ୍ରବ୍ ଟାଇଫସ୍ ରୋଗ୍‌ର ଚିକିତ୍ସା ଆଉ ନିୟନ୍ତ୍ରଣ୍ ଲାଗି ମାର୍ଗଦର୍ଶିକା ତିଆର୍ କରୁଛନ୍ ସର୍‌କାର୍ ।

୩- ସୁଷମ ଆଉ ପୌଷ୍ଟିକ୍ ଖାଏବାର୍ ଗୁରୁତ୍ୱ ବାବ୍‌ଦେ ସଚେତନ୍ କର୍‌ବାର୍ ଉଦ୍ଦେଶ୍ୟଥି ଆଏଜ୍‌ଠାନୁ ମୁଲ୍ ହେଲା ରାଷ୍ଟ୍ରୀୟ ପୋଷଣ ମାସ ।

ଆଉର୍

୪- ଆଏବା ୨୪ ଘଂଟା ଭିତ୍‌ରେ ରାଜ୍ୟର୍ ୯ ଟା ଜିଲ୍ଲା ନ ଧୁକାଗର୍ଡ଼ି ସାଙ୍ଗେ ହେଇପାରେ ବର୍ଷା- ପାଣିପାଗ୍ କେନ୍ଦ୍ରର୍ ସୂଚ୍‌ନା ।

ମୁଖ୍ୟମନ୍ତ୍ରୀ- ୟୁଏଇ ଭୁବନେଶ୍ୱର୍ ସମ୍ବାଦଦାତା

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀଙ୍କର୍ ନେତୃତ୍ୱଥି ଓଡ଼ିଶାର୍ ୟୁଏଇ ନିବେଶକ୍ ସଂଯୋଗ୍ ଅଭିଯାନ୍ ଆବୁଧାବି ନ ଥିବା ଆଇ.ଏଚ.ସି. କମ୍ପାନୀ ସହେତେ ଗୁଟେ ଉଚ୍ଚସ୍ତରୀୟ ବୈଠକ୍‌ନୁ ମୁଲ୍ ହେଇଛେ । ଇ ଅବ୍‌ସରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଆଇ.ଏଚ୍.ସି.ର ବରିଷ୍ଠ ପ୍ରତିନିଧି ମାନ୍‌କର୍ ସହେତେ ଓଡ଼ିଶା ନ ରଣନୈତିକ୍ ନିବେଶ୍‌ର ସମ୍ଭାବନାକେ ନେଇକରି ଆଲୋଚନା କରିଛନ୍ । ଇ ଅବ୍‌ସରେ ଧାତୁ, ଶିଳ୍ପ, ଦୁର୍ଲଭ ମୃତିକା ଆଉ ଗୁରୁତ୍ୱପୂର୍ଣ୍ଣ ଖଣିଜ, କୁଇଲା ନୁ ରସାୟନ୍ ଉତ୍ପାଦନ୍, ବନ୍ଦର୍ ଭିତିକ ସ୍ୱତନ୍ତ୍ର ଅର୍ଥନୈତିକ କ୍ଷେତ୍ର ଆଉ ଶିଳ୍ପ ଭିତିଭୂମି କ୍ଷେତ୍ରଥି ନିବେଶ୍ ସମ୍ଭାବନା ଉପ୍‌ରେ ଆଲୋଚନା ହେଇଥିଲା । ଆଦାନୀ, ଆଉ ଆଇ.ଏଚ୍.ସି. ଗ୍ରୁପ୍ ଏମ୍.ଓ.ୟୁର ୧୪ ଟା ପ୍ରକଳ୍ପଥି ୨ ଲାଖ୍ ୧୦ ହଜାର୍ ୫ ଶହ କୋଟି ଟଙ୍କାର୍ ନିବେଶ୍ ଆଉ ୮ ଲାଖ୍ ୭୦ ହଜାର୍ ନିଯୁକ୍ତି ସମ୍ଭାବନା ଲାଗି ଆଗ୍ରହ ଦେଖେଇଛନ୍ । ଇ ଅବ୍‌ସରେ ମୁଖ୍ୟମନ୍ତ୍ରୀ କହିଛନ୍, ପ୍ରାକୃତିକ୍ ସମ୍ପଦ୍, ଶିଳ୍ପ, କ୍ଷମତା, ରଣନୈତିକ୍ ଅବସ୍ଥାନ୍ ଆଉ ବିକଶିତ୍ ହେଉଥିବା ଭିତିଭୂମିର

ଅଲ୍‌ଗା ସମନ୍ୱୟ ଓଡ଼ିଶା ନ ରହିଛେ । ଓଡ଼ିଶାର୍ ନିବେଶ୍ ଅନୁକୂଲ୍ ପରିବେଶ୍ ବାବ୍‌ଦେ ମୁଖ୍ୟମନ୍ତ୍ରୀ କହିଛନ୍, ରଣନୈତିକ୍ ନିବେଶ୍ ଆଉ ସହଭାଗିତାକେ ସୁଗମ୍ କରବାର୍ ଲାଗି ରାଜ୍ୟ ସର୍‌କାର୍‌ଙ୍କର୍ ତର୍‌ଫୁ ନିରନ୍ତର୍ ସହଯୋଗ୍ ଯୁଗେଇ ଦିଆଯିବା ।

ଇତାର୍‌ସହେତେ ମୁଖ୍ୟମନ୍ତ୍ରୀ ଓଡ଼ିଶା ଇନ୍‌ଭେଷ୍ଟର୍ସ ମିଟ୍‌ର ଅଂଶ ଭାବେ ଆଏଜ୍ ଇଣ୍ଡିଆନ୍ ବିଜ୍‌ନେସ୍ ଆଣ୍ଡ ପ୍ରଫେସ୍‌ନାଲ୍ ଗ୍ରୁପ୍ ଆଇ.ବି.ପି.ଜି.ଙ୍କର୍ ସହେତେ ଗୁଟେ ଗୋଲ୍ ଟେବୁଲ୍ ଆଲୋଚନା ଥି ଯୋଗ୍ ଦେଇଛନ୍ ।

ସ୍କ୍ରବ୍ ଟାଇଫସ୍ ହି.ସ.

ରାଏଜେ ସ୍କ୍ରବ୍ ଟାଇଫସ୍ ଚିହ୍ନଟ୍‌କେ ନେଇକରି ସ୍ୱାସ୍ଥ୍ୟ ବିଭାଗ୍ ତର୍‌ଫୁ ତତ୍ପରତା ଦେଖାଦେଇଛେ । ଯେନ୍ ଜାଗା ନ ସ୍କ୍ରବ୍ ଟାଇଫସ୍ ଚିହ୍ନଟ୍ କରାଯାଇଛେ, ସେ ଠାନ୍‌କେ ଡାକ୍ତର୍‌ମାନ୍‌କୁ ପଠାଯିବା । ଇ ରୋଗ୍‌ର ଚିକିତ୍ସା ଆଉ ନିୟନ୍ତ୍ରଣ୍ ଲାଗି ମାର୍ଗଦର୍ଶିକା ତିଆର୍ କରାଯାଉଛେ । ଇଟା ଯେନ୍‌ତା ଅଲ୍‌ଗା ଇଲାକାକେ ନାଇଁ ଚାପ୍‌ବା

ସେଥିର୍‌ଲାଗି ପଦକ୍ଷେପ୍ ନିଆଯାଉଛେ ବଲି ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର୍ ମୁକେଶ୍ ମହାଲିଙ୍ଗ୍ କହିଛନ୍ ।
(ଭଏସ୍ ଓଭର୍- ମୁକେଶ୍ ମହାଲିଙ୍ଗ୍)

ସମୀକ୍ଷା ବୈଠକ୍           ଆର୍‌ଏନ୍‌ୟୁ/ କଟକ୍

ଭୁବ୍‌ନେଶ୍ୱର୍ ଲୋକ୍‌ସେବା ଭବନ୍ ନ ଉପମୁଖ୍ୟମନ୍ତ୍ରୀ କନକ୍ ବର୍ଦ୍ଧନ୍ ସିଂହଦେଓଙ୍କର୍ ଅଧ୍ୟକ୍ଷତାଥି ବିଦ୍ୟୁତ୍ ସଂଯୋଗୀକରଣ୍ ଆଉ ଭିତିଭୂମିକେ ନେଇକରି ଗୁଟେ ଜରୁରୀ ସମୀକ୍ଷା ବୈଠକ୍ ହେଇଯାଇଛେ । ବୈଠକ୍‌ଥି ବିଦ୍ୟୁତ୍ ସେବାକେ ଆହୁରି ବର୍‌କସ୍ କର୍‌ବାର୍ ଦିଗେ ଆଲୋଚନା ହେଇଛେ ।

ଶିଶୁବିକାଶ୍           ଆର୍‌ଏନ୍‌ୟୁ/ କଟକ୍

ଭୁବ୍‌ନେଶ୍ୱର୍ ଲୋକ୍‌ସେବା ଭବନ୍ ନ ଥିବା ମହିଳା ଆଉ ଶିଶୁ ବିକାଶ୍ ବିଭାଗ୍ ସମ୍ମିଳନୀ କକ୍ଷ ନ ଓଡ଼ିଶା ରାଜ୍ୟ ମହିଳା ଆୟୋଗଙ୍କର୍ ସହଯୋଗ୍‌ଥି ହେଇଥିବା ୪ ଟା ଗବେଷଣା

କାମ୍ ଆଉ କେନ୍ଦ୍ର ସର୍କାର୍ଙ୍କର୍ ଏଡ୍ ସଫ୍ଟ ରେଲ୍ ଟେଲ୍ ଆଡୁ ବିକଶିତ୍ କେସ୍ ମନିଟରିଂ ସିଷ୍ଟମ୍ର ପ୍ରଦର୍ଶନୀ ହେଇଯାଇଛେ । ଇଥି ମହିଲା ଆଉ ଶିଶୁବିକାଶ୍ ବିଭାଗ୍ର ଅଧକ୍ଷା ଶୋଭନା ମହାନ୍ତି, ବିଭାଗୀୟ କମିଶନର୍ ଆଉ ସଚିବ ମୃଣାଳିନୀ ଦର୍ଶୱାଲ୍ ଆଉ ଅଲ୍‌ଗା ଅଧିକାରୀମାନେ ଉପସ୍ଥିତ୍ ଥିଲେ ।

ବିଜେପି- ପି.ଏମ୍. ୨୫ ବଛର୍ ଆର୍‌ଏନ୍‌ୟୁ/ କଟକ୍

ସାରା ଦେଶେ ଆଏବା ୧୭ ତାରିଖ୍‌ନୁ ଅକ୍ଟୋବର୍ ୧୭ ତାରିଖତକ୍ ସେବା ସଂକଳ୍ପ ଅଭିଯାନ୍ ମୁଲ୍ ହେବା । ନୂଆଦିଲ୍ଲୀ ନ ଆଏଜ୍ ଗୁଟେ ସାମ୍ବାଦିକ୍ ସମ୍ମିଲନୀଥି ବିଜେପି ରାଷ୍ଟ୍ରୀୟ ଅଧକ୍ଷ ନୀତିନ୍ ନବୀନ୍ କହିଛନ୍, ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏବା ଅକ୍ଟୋବର୍ ମାସ ୭ ତାରିଖ୍ ଜନସେବାଥି ତାକର୍ ୨୫ ବଛର୍ ପୁରା କର୍‌ବେ । ୨୦୦୧ ମସିହା ଇ ଦିନ ସେ ଗୁଜୁରାଟ୍‌ର ମୁଖ୍ୟମନ୍ତ୍ରୀ ଭାବେ ନିଜର୍ କାର୍ଯ୍ୟକାଳ ମୁଲ୍ କରିଥିଲେ । ଶ୍ରୀ ମୋଦୀ ଜନସେବାନୁ ଦେଶସେବା ମନ୍ତ୍ରଥି ଅନୁପ୍ରାଣିତ ହେଇକରି ସବୁବେଲେ ସେବା କାମ୍ ଜାରି ରଖିଛନ୍ । ପ୍ରଧାନ୍‌ମନ୍ତ୍ରୀଙ୍କର୍ ନେତୃତ୍ୱଥି ଭାରତ୍‌ର ପ୍ରଗତି ଖାଲି ବିକାଶଥି

ସିମିତ୍ ହେଇକରି ନାଇଁ ରହି । ଇଟା ଭାରତ୍‌ର ସାଂସ୍କୃତିକ୍ ପରିଚୟକେ ବର୍‌କସ୍ କରିଛେ ବଲି ଶ୍ରୀ ନବୀନ୍ କହିଛନ୍ । ସେବା ଦିବସ୍ ଅବ୍‌ସରେ ରକ୍ତଦାନ୍ ଶିବିର ଆଉ ସଂକଳ୍ପ ଅଭିଯାନ୍ ମୁଲ୍ କରାଯିବା । ପ୍ରଧାନ୍‌ମନ୍ତ୍ରୀଙ୍କୁ କୃତଜ୍ଞତା ଜନାବାର୍ ଲାଗି ଅକ୍ଟୋବର୍ ୭ ତାରିଖ୍ ଦିନ ଗାଁ ଆଉ ସହର୍ ଇଲାକାମାନ୍‌କେ ସେବା ଜ୍ୟୋତି କଲସ୍ ଯାତ୍ରା ଭିଲ୍ ବାହାର୍ କରାଯିବା ।

ଯୁବ ସଂସଦ୍ ପ୍ରତିଯୋଗିତା ଆର୍‌ଏନ୍‌ୟୁ/ କଟକ୍

ଜବାହାର୍ ନବୋଦୟ ବିଦ୍ୟାଲୟମାନ୍‌କର୍ ଲାଗି ୨୭ ନମ୍ବର୍ ଜାତୀୟ ଯୁବ ସଂସଦ୍ ପ୍ରତିଯୋଗିତା ୨୦୨୫-୨୬ର ପୁରସ୍କାର୍ ବିତରଣ୍ ଉତ୍ସବ୍ ଆଏବା କାଏଲ୍ ନୂଆଦିଲ୍ଲୀର୍ ସଂସଦ୍ ଭବନ୍ ପରିସର୍ ନ ହେବା । ସଂସଦୀୟ ବ୍ୟାପାର୍ ମନ୍ତ୍ରୀ କିରେନ୍ ରିଜିଜୁ ଉତ୍ସବ୍‌ଥି ଅଧ୍ୟକ୍ଷତା କର୍‌ବେ । ପ୍ରତିଯୋଗିତାଥି ଭଲ୍ ପ୍ରଦର୍ଶନ୍ କରିଥିବା ଛାତ୍ରଛାତ୍ରୀ ଆଉ ବିଦ୍ୟାଲୟମାନ୍‌କୁ ପୁରସ୍କୃତ୍ କରାଯିବା ।

ପୋଷଣ ଆର୍‌ଏନ୍‌ୟୁ/ କଟକ୍

ଦେଶେ ୯ ନମ୍ବର୍ ଜାତୀୟ ପୋଷଣ ମାସ୍ ଆଏଜ୍‌ଠାନୁ ମୁଲ୍ ହେଇଛେ । କେନ୍ଦ୍ର ମହିଳା ଆଉ ଶିଶୁବିକାଶ୍ ମନ୍ତ୍ରୀ ଅନ୍ନପୂର୍ଣ୍ଣା ଦେବୀ ଇଟାର୍ ଶୁଭାରମ୍ଭ କରିଛନ୍ । କେନ୍ଦ୍ରମନ୍ତ୍ରୀ ଅନ୍ନପୂର୍ଣ୍ଣା ଦେବୀ କହିଛନ୍, ୯ ନମ୍ବର୍ ଜାତୀୟ ପୋଷଣ୍ ମାସ୍ ଜରିଏ ସୁପୋଷିତ ଆଉ ସଶକ୍ତ ଭାରତ୍ ଗଠନ୍ ଲାଗି ସଂକଳ୍ପ ନିଆୟାଇଛେ । ଇ ଅଭିଯାନ୍ ସବୁ ମା ମାନ୍‌କର୍ ସ୍ୱାସ୍ଥ୍ୟ, ଛୁଆମାନ୍‌କର୍ ପୋଷଣ ଆଉ ପରିବାର୍‌ର ସମୃଦ୍ଧି ସାଙ୍ଗେ ଜଡ଼ିତ ଆଏ । ସୁସ୍ଥ ଜୀବନ୍ ଲାଗି ସୁଷମ ଆଉ ପୌଷ୍ଟିକ୍ ଖାଏବାର୍ ଗୁରୁତ୍ୱ ବାବ୍‌ଦେ ଜନସଚେତନତା ସୃଷ୍ଟି କର୍‌ବାର୍ ଲକ୍ଷ୍ୟଥି ଓଡ଼ିଶା ନ ଆଏଜ୍‌ଠାନୁ ରାଷ୍ଟ୍ରୀୟ ପୋଷଣ୍ ମାସ୍ ମୁଲ୍ ହେଇଛେ । ଇଟା ଆଏବା ମାସର୍ ୯ ତାରିଖ୍‌ତକ୍ ଚାଲ୍‌ବା । ଇ ଅବ୍‌ସରେ ଭିନ୍ ଭିନ୍ ସଚେତନତା କାର୍ଯ୍ୟକ୍ରମ୍, ପୋଷଣ୍ ପ୍ରଦର୍ଶନୀ, ଆଲୋଚନା ଚକ୍ର ଆଉ ସ୍ୱାସ୍ଥ୍ୟ ଶିବିର୍ ଆୟୋଜନ୍ କରାୟାଉଛେ । ଛୁଆମାନ୍‌କର୍ ସୁସ୍ଥ ବିକାଶ୍, ମାନସିକ୍ ଆଉ ଶାରୀରିକ୍ ଅଭିବୃଦ୍ଧି ଲାଗି ପୋଷଣ୍ ଥିବା ଖାଏବାର୍ ଜିନିଷ୍‌ର ଭୂମିକା ବହୁତ୍ ଗୁରୁତ୍ୱପୂର୍ଣ୍ଣ ଆଏ । ମମତା-

ପି.ଏମ୍.ଏମ୍.ଭି.ଓ୍ୱାଇ. ଯୋଜ୍ନା ମାତୃତ୍ୱର୍ ଜରୁରୀ ସମିଆଥି ସାହାଜ୍ ଆଉ ସଚେତନତା ବଢ଼ାବାର୍ ଦିଗେ ଉଲ୍ଲେଖନୀୟ ପଦକ୍ଷେପ୍ ନେଇଛେ । ଭରପୁର୍ ପରିମାଣ୍‌ର ପୋଷଣ୍ ଆଉ ଛୁଆମାନ୍‌କର୍ ପ୍ରାରମ୍ଭିକ୍ ଯତନ୍, ସେମାନ୍‌କର୍ ମସ୍ତିଷ୍କ ବିକାଶ୍, ଶିକ୍ଷା ଆଉ ବିଦ୍ୟାଳୟ ଲାଗି ପ୍ରସ୍ତୁତିର୍ ନିହି ଆଏ ।

ଶ୍ରୀମନ୍ଦିର୍-କୃଷ୍ଣବଳରାମ୍ ବେଶ ପୁରୀ ସମ୍ବାଦଦାତା

ଭୁଦୋ ମାସର୍ ଅନ୍ଧାର୍ ପଖର୍ ତ୍ରୟୋଦଶୀ ଅବ୍‌ସରେ ପୁରୀ ଶ୍ରୀମନ୍ଦିର୍ ନ ଆଏଜ୍ ମାହାପୁରୁମାନ୍‌କର୍ କୃଷ୍ଣବଳରାମ୍ ବେଶ କରାଯାଉଛେ । ମଧ୍ୟାହ୍ନ ଧୂପ ନୀତି ଉତ୍‌ରୁ ରତ୍ନ ସିଂହାସନ୍ ନ ମାହାପୁରୁମାନ୍‌କୁ ଇ ଦୁର୍ଲଭ୍ ବେଶଥି ସଜାଯାଉଛେ । ବଛର୍‌ଯାକ ଭିତ୍‌ରେ ଇ ଗୁଟେ ଦିନ ଦେବୀ ସୁଭଦ୍ରା ଚାରିଭୂଜ ଧାରଣ୍ କର୍‌ସନ୍ । ଇ ବେଶଥି ଶ୍ରୀଜଗନ୍ନାଥ ଆଉ ବଳଭଦ୍ର ଚୂଳ ଧାରଣ୍ କର୍‌ସନ୍ । ଇ ବେଶଥି ମାହାପୁରୁଙ୍କୁ ଖିରି ଆଉ ଅମାଲୁ ଭୋଗ ଅର୍ପଣ୍ କରାଯିବାର୍ ବିଧି ରହିଛେ ।

ବଉଲା ମଗର ଆର୍‌ଏନ୍‌ୟୁ/ କଟକ୍

ଭତର୍‌କନିକା ଜାତୀୟ ଉଦ୍ୟାନ୍ ନ ଇ ବଛର୍ କୃତିମ ପ୍ରଜନନ ଉପେଥି ୧୯ ଟା ବଉଲା ମଗର ଛୁଆ ଜନମ୍ ହେଇଛନ୍ ବଲି ରାଜନଗର ବନଖଣ୍ଡ ତର୍‌ଫୁ କୁହାଯାଇଛେ । ଲୁକି ଯାଉଥିବା ଇ ବଉଲା କୁମ୍ଭୀର ମାନ୍‌କର୍ ବଂଶବୃଦ୍ଧି ଲାଗି ଜଙ୍ଗଲ୍ ବିଭାଗ୍ ତର୍‌ଫୁ ସେଠାନେ କୃତ୍ରିମ ପ୍ରଜନନ କେନ୍ଦ୍ର ଖୁଲାଯାଇଛେ । ସୂଚ୍‌ନା ଅନ୍‌ସାରେ ଭିତର୍‌କନିକା ଜାତୀୟ ଉଦ୍ୟାନ୍ ନ ୧ ହଜାର୍ ୮ ଶହ ୫୮ ଟା ମଗର୍ ରହୁଛନ୍ । ଚଲ୍‌ତିବଛର୍ ଜାତୀୟ ଉଦ୍ୟାନ୍ ନ ମୋଟ୍ ଶହେ ୧୭ ଟା ମଗର୍ ବସା ଠାବ୍ କରାଯାଇଛେ ।

ବିଶ୍ୱ ଇଭି ଦିବସ ଆର୍‌ଏନ୍‌ୟୁ/ କଟକ୍

ସ୍ୱଚ୍ଛ ଆଉ ପରିବେଶ୍ ଅନୁକୂଲ୍ ଯିବାର୍ ଆସ୍‌ବାର୍ ବାବ୍‌ଦେ ଲୁକ୍‌କୁ ସଚେତନ୍ କର୍‌ବାର୍ ଲକ୍ଷ୍ୟଥି ଆଏଜ୍ ବିଶ୍ୱ ବୈଦ୍ୟୁତିକ୍ ଗାଡ଼ି ଇଭି ଦିବସ୍ ପାଲନ୍ କରାଯାଉଛେ । ଚଲ୍‌ତି ବଛର୍ ଇ ଦିବସ୍‌ର ବାର୍ତା ରହିଛେ ବିଦ୍ୟୁତ୍ ଗାଡ଼ିକେ ଅପ୍‌ନେଇକରି ଖର୍ଚ୍ଚା

କମାବା । ୨୦୧୭ ମସିହାନୁ ଭାରତ୍ ନ ମୋଟ୍ ୧ କୋଟିନୁ ଅଏତ୍କା ବିଦ୍ୟୁତ୍ ଗାଡ଼ି ବିକ୍ରି ହେଇଛେ । ୨୦୨୬ ମସିହାଥି ଗାଡ଼ିର ବଜାର୍ ଅଂଶ ପାଖାପାଖି ୧୧ ପ୍ରତିଶତ୍ଥି ପୁହୁଁଚିଛେ । ବିଶ୍ୱ ଇଭି ଦିବସ୍ ଅବ୍ସରେ ବିଦ୍ୟୁତ୍ ଚାଲିତ୍ ଗାଡ଼ିକେ ଅପ୍ନେଇକରି ସ୍ୱଚ୍ଛତାର ରାହାଥି ଯିବାର୍ ସହେତେ ନବସୃଜନକେ ଅପ୍ନାବାର୍ ଲାଗି ଉପମୁଖ୍ୟମନ୍ତ୍ରୀ କନକ୍ ବର୍ଦ୍ଧନ୍ ସିଂହଦେଓ  ଆହ୍ୱାନ୍ ଦେଇଛନ୍ ।

## ବର୍ଜ୍ୟ ପରିଚାଳନା ନିୟମ       ଆର୍ଏନ୍ୟୁ/ କଟକ୍

ପରିବେଶ୍ ସୁରକ୍ଷା ଆଉ କଠିନ ବର୍ଜ୍ୟ ପରିଚାଲନାକେ ବର୍କସ୍ କର୍ବାର୍ ଲାଗି କେନ୍ଦ୍ର ସର୍କାର୍ କଠିନ ବର୍ଜ୍ୟ ପରିଚାଲନା ନିୟମ-୨୦୨୬ ଲାଗୁ କରିଛନ୍ । ନୂଆଁ ନିୟମ୍ ଅନ୍ସାରେ, ଘର୍, ବ୍ୟବସାୟିକ୍ ପ୍ରତିଷ୍ଠାନ୍ ଆଉ ଅଲ୍ଗା ଜାଗାମାନ୍କେ ବର୍ଜ୍ୟ ପରିଚାଲନାକେ ୪ ଟା ବର୍ଗ- ଉଦା, ଶୁଖା, ସାନିଟାରୀ ଆଉ ସ୍ୱତନ୍ତ୍ର ଯତ୍ନବର୍ଗଥି ଅଲ୍ଗା କର୍ବାର୍ ଲାଗି ବାଧ୍ୟତାମୂଲକ୍ କରାଯାଇଛେ । ବର୍ଜ୍ୟର୍ ଫେର୍ ବେଭାର୍, ପୁନଃଚକ୍ରଣ ଆଉ ପ୍ରକ୍ରିୟାକରଣ୍କେ ଜୋର୍ ଦେଇକରି ସର୍କୁଲାର୍ ଇକୋନୋମି ଓ

ପଲ୍ୟୁଟର୍ ପେଜ୍ ପ୍ରିନ୍ସ୍ପୁଲ୍କେ ଭିଲ୍ ସାମିଲ୍ କରାଯାଇଛେ । ନୂଆଁ ନିୟମ୍ଥି ବର୍ଜ୍ୟ ପରିଚାଲନା ପ୍ରକ୍ରିୟାର୍ ଅନ୍ଲାଇନ୍ ଟ୍ରାକିଂ ଆର୍ ନିରୀକ୍ଷଣ୍ ଆଉ ନିୟମ୍ ଉଲ୍ଲଂଘନ୍ କ୍ଷେତ୍ରଥି କ୍ଷତିପୂରଣ୍ ବ୍ୟବସ୍ଥା କରାଯାଇଛେ ।

ବେଟି ବଚାଓ ବେଟି ପଢ଼ାଓ ବୈଠକ୍ କଲାହାଣ୍ଡି

ସମ୍ବାଦଦାତା

କଲାହାଣ୍ଡି ଜିଲ୍ଲା ଭବାନୀପାଟ୍ନା ପରିସଂଖ୍ୟାନ୍ ସଭାଗୃହ ନ ବାଳିକା ସୁରକ୍ଷା, ଶିକ୍ଷା, ସ୍ୱାସ୍ଥ୍ୟ, ପୋଷଣ୍ ଆଉ ସଶକ୍ତିକରଣ୍କେ ନେଇକରି ବେଟି ବଚାଓ ବେଟି ପଢ଼ାଓ ସମନ୍ୱୟ ବୈଠକ୍ ହେଇଯାଇଛେ । ଅତିରିକ୍ତ ଜିଲ୍ଲାପାଲ୍ ତନ୍ମୟ କମାର୍ ଦର୍ୱାନ୍ ମୁଖ୍ୟଅତିଥି ଭାବେ ଯୋଗ୍ ଦେଇକରି ଟୁକେଲ୍ ଛୁଆମାନ୍କର୍ ସର୍ବାଙ୍ଗୀନ୍ ବିକାଶ୍ ଲାଗି ବିଭାଗୀୟ ତାଲ୍ମେଲ୍ ଆଉ ଅଭିଭାବକ୍ ମାନ୍କର୍ ସଚେତନତା ଉପ୍ରେ ଜୋର୍ ଦେଇଥିଲେ । ବାଲ୍ୟବିବାହ ନିରୋଧ୍ ଆଉ ଭେଦ୍ଭାବ୍ ଦୂରୀକରଣ୍କେ ନେଇକରି ଭିଲ୍ ବୈଠକ୍ଥି ଆଲୋଚନା ହେଇଥିଲା ।

ଆଇନ୍- ପ୍ରଶିକ୍ଷଣ୍ କାର୍ଯ୍ୟକ୍ରମ        ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଜିଲ୍ଲା ପ୍ରଶାସନ୍ ଆଉ ଜିଲ୍ଲା ସମାଜ୍‌ମଙ୍ଗଳ ବିଭାଗ୍‌ର ମିଲିତ୍ ସହଯୋଗ୍‌ଥି କାର୍ଯ୍ୟସ୍ଥଲୀ ନ ମହିଲାମାନ୍‌କର୍ ଯୌନ ନିର୍ଯ୍ୟାତନା (ନିଷେଧ୍ ପ୍ରତିରୋଧ୍ ଆଉ ପ୍ରତିକାର୍) ଆଇନ୍-୨୦୧୩ କେ ନେଇକରି ଗୁଟେ ଦିନ୍‌କିଆ ଜିଲ୍ଲାସ୍ତରୀୟ ପ୍ରଶିକ୍ଷଣ୍ କାର୍ଯ୍ୟକ୍ରମ୍ ହେଇଯାଇଛେ । ବୌଦ୍ଧ ଜିଲ୍ଲାପାଲ୍ ବିଭୂତି ଭୂଷଣ ନାୟକଙ୍କର୍ ଅଧ୍ୟକ୍ଷତାଥି ହେଇଥିବା ଶିବିର୍‌ଥି ପୋଷ୍ ଆଇନ୍‌ର ଭିନ୍ ଭିନ୍ ଧାରା, ଅଭିଯୋଗ୍ ପ୍ରକ୍ରିୟା ଆଉ ଆଭ୍ୟନ୍ତରିଣ ଅଭିଯୋଗ୍ କମିଟି- ଆଇ.ସି.ସି.ର ଗଠନ୍ ଆଉ ଦାୟିତ୍ୱ ବାବ୍‌ଦେ ପ୍ରଶିକ୍ଷଣ୍ ଦିଆଯାଇଥିଲା ।

ପାଣିପାଗ        ଆର୍‌ଏନ୍‌ୟୁ/ ସମ୍ବଲପୁର

ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ରର୍ ସୂଚ୍‌ନା ଅନ୍‌ସାରେ ଆଏବା ଶୁକ୍ରବାର୍ ତକ୍  ବଙ୍ଗୋପସାଗର ନ ଆଉ

ଗୁଟେ ଲଘୁଚାପ୍ କ୍ଷେତ୍ର ହେବାର୍ ସମ୍ଭାବନା ରହିଛେ । ଇତାର୍ ପ୍ରଭାବ୍‌ଥି ସମୁଦ୍ର ଖଁଡ଼ି ଜିଲ୍ଲାମାନ୍‌କେ ଜବର୍‌ନୁ ଅତି ଜବର୍ ବର୍ଷା ହେବାର୍ ସମ୍ଭାବନା ରହିଛେ । ଇତାର୍‌ସହେତେ ଆଏବା ୨୪ ଘଂଟା ଭିତ୍‌ରେ ୯ ଟା ଜିଲ୍ଲା ନ ଧୁକାଗର୍ଡ଼ି ସାଙ୍ଗେ ଜବର୍ ବର୍ଷା ହେଇପାରେ ବଲି ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ସତର୍କ ସୂଚ୍‌ନା ଜାରି କରାଯାଇଛେ ।